ଓଡ଼ିଶା ସରକାର
Govt. of Odisha

Dist. Legal Services Authority, Koraput-Jeypore
ADR Building, Dist. Court Premises, Jeypore
Tel:06854-251089, 251515
Email: dlsajeypore@gmail.com

Smt. Pradyomayee Sujata, O.J.S.
(In the cadre of Senior Civil Judge)
Judge, Permanent & Continuous Lok Adalat
& Secretary, District Legal Services Authority,
Koraput-Jeypore.

Letter No. 2021 Dated. 01-09-2026

To

The Electronic and Print Media,
Jeypore (All)

Sub: 3rd National Lok Adalat, 2026 scheduled on to be held on 12-09-2026.

Sir/Madam,

I am directed to intimate that 3rd National Lok Adalat, 2026 for disposal of different categories of cases both pending and at pre-litigation stage will be held **on 12-09-2026 (2nd Saturday)** at all the Courts of Koraput District.

Therefore, I am to request your goodself to make it convenient for wide publicity of the programme through print and electronic media in advance for information of the general public. Please find enclosed a draft sample press clip in Odia for information and necessary action.

Your kind co-operation in this regard is highly solicited.

Yours faithfully

Encl: as above.

01-09-2026
Secretary,
District Legal Services Authority,
Koraput-Jeypore

Memo No. 2021 Dated. 01-09-2026

Copy to the D.I.P.R.O., Koraput/ S.D.I.P.R.O.,Jeypore for favour of information and necessary action.

01-09-2026
Secretary,
District Legal Services Authority,
Koraput-Jeypore

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ - ୨୦୨୬

## ୧୨.୦୯.୨୦୨୬ (ଦ୍ୱିତୀୟ ଶନିବାର)

### : ବିଶେଷ ସୂଚନା :

୧. ଅଦାଲତରେ ଆପଣଙ୍କର ଯଦି କୌଣସି ମକଦ୍ଦମା ବିଚାରାଧିନ ରହିଛିକି ବା ଆପଣଙ୍କର କାହା ସହିତ କୌଣସି ଆଇନଗତ ବିବାଦ ରହିଛି ତାହାର ପରିସମାପ୍ତି ରାଷ୍ଟ୍ରୀୟ ଲୋକ ଅଦାଲତ ମାଧ୍ୟମରେ ହୋଇପାରିବ ।

୨. ୧୨.୦୯.୨୦୨୬ (ଦ୍ୱିତୀୟ ଶନିବାର) ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଅଦାଲତ ଏବଂ ତାଲୁକ୍ ସ୍ତରୀୟ ଅଦାଲତ ଓ ଅନ୍ୟ ବିଚାର ବିଭାଗୀୟ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି ।

୩. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଫୌଜଦାରୀ (ସୋଲିସ୍ ଯୋଗ୍ୟ), ସ୍ୱୀକାରମୂଳକ ବୁଝାମଣା (ପ୍ଲି-ବାରଗେନିଂ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ସାଲିସ୍‌ଯୋଗ୍ୟ ଟ୍ରାଫିକ ଚାଲାଣ, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍ ବିହିନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ) ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟଳୟ, ଜିଲ୍ଲା ଅଦାଲତ ଓ ରାଜ୍ୟ/ଜିଲ୍ଲା ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରଧିନ), ବୌଦ୍ଧିକ ସଂପତି ଅଧିକାର ମାମଲା ଖାଉଟି ବିବାଦ / ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରଧିନ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋଷ ସହମତିରେ ସମାଧାନ କରାଯାଇପାରିବ ।

୪. କେବଳ ବିଚାରଧିନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇନଥିବା ମାମଲା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଗୁଡିକ (ସାଲିସ୍ ବିହୀନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ) / ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ ।

୫. ଲୋକ ଅଦାଲତରେ ମକଦ୍ଦମା / ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଡିକ୍ରିଜାରି ଯୋଗ୍ୟ ।

୬. ଯଦି କୌଣସି ବିଚାରାଧିନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ।

୭. ଦୀର୍ଘ ଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରନ୍ତୁ ।

୮. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର, ଜିଲ୍ଲା : କୋରାପୁଟ
ଠିକଣା - ଜିଲ୍ଲା ନ୍ୟାୟାଳୟ ପରିସର, ଜୟପୁର, କୋରାପୁଟ
ଯୋଗାଯୋଗ - ୦୬୮୫୪ - ୨୫୧୫୧୫, ୨୫୧୦୮୯
Email : disajeypore@gmail.com